# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 July – 2026

******************************

## ମୁଖ୍ୟ ସମ୍ବାଦ

- ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ପ୍ରସ୍ତୁତି ନେଇ ଭୁବନେଶ୍ୱରରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ସୁଭଦ୍ରା ଯୋଜନାର ପଂଚମ କିସ୍ତି ପ୍ରଦାନ ନେଇ ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ରାଜ୍ୟରେ ଆସନ୍ତାବର୍ଷ ଏପ୍ରିଲ-ମେ’ ମାସରେ ଅନୁଷ୍ଠିତ ହେବ ପଂଚାୟତ ଓ ପୌର ନିର୍ବାଚନ
- ଶ୍ରୀମନ୍ଦିରରେ ଆଜି ଦଶମୀ ତିଥିରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ଚକାବିଜେ ନୀତି

ଏବଂ

- ମତ୍ସ୍ୟଚାଷୀଙ୍କ ବିକାଶ ଓ ଅବଦାନକୁ ସ୍ୱୀକୃତି ପ୍ରଦାନ ଲକ୍ଷ୍ୟ ନେଇ ପାଳନ କରାଯାଉଛି ‘ଜାତୀୟ ମତ୍ସ୍ୟଚାଷୀ ଦିବସ’

## ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଗାମୀ ରଥଯାତ୍ରା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଶ ସୂତ୍ରୀ ନିର୍ଦ୍ଦେଶକୁ ଅନୁପାଳନ କରି ରଥଯାତ୍ରାର ସୁପରିଚାଳନା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା, ଗୁଇନ୍ଦା ନିର୍ଦ୍ଦେଶକ,ବିଭିନ୍ନ ବିଭାଗର ସଚିବ, ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏଥିରେ ଉପସ୍ଥିତ ଥିଲେ।

## ପ୍ରଭାତୀ ପରିଡା

ଆଗାମୀ ରାକ୍ଷୀପୂର୍ଣ୍ଣିମାରେ ସୁଭଦ୍ରା ଯୋଜନାର ପଂଚମ କିସ୍ତି ପ୍ରଦାନ କରାଯିବ। ଏ ନେଇ ଭୁବନେଶ୍ୱର ଲୋକସେବା ଭବନରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଯୋଜନା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩ ଲକ୍ଷ ୧୭ ହଜାର ୯୬୭ ଜଣ ନୂତନ ଆବେଦନକାରୀ ରହିଛନ୍ତି। ଡିବିଟି ସକ୍ରିୟକରଣ, ଇ-କେୱାଇସି, ଏନ୍‌ପିସିଆଇ ମ୍ୟାପିଂ ଆଦି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି। ଏଥିରେ ୮୨ ହଜାର ୩୬ଟି ଡିବିଟି  ସକ୍ରିୟ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା

୨୫ ତାରିଖ ସୁଦ୍ଧା ହିତାଧିକାରୀଙ୍କ କ୍ଷେତ୍ରସ୍ତରୀୟ ଯାଞ୍ଚ ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି....

**- V/O –**

## ପଞ୍ଚାୟତ ନିର୍ବାଚନ ବୈଠକ

ରାଜ୍ୟରେ ଆସନ୍ତା ବର୍ଷ ଏପ୍ରିଲ ଓ ମଇ ମାସରେ ପଂଚାୟତ ଓ ପୌର ନିର୍ବାଚନ ହେବା ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ କହିଛନ୍ତି। ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ପ୍ରକ୍ରିୟା ଆସନ୍ତାବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ପଂଚାୟତ ଓ ପୌର ନିର୍ବାଚନ ପାଇଁ ରାଜସ୍ୱ ଉପଖଣ୍ଡ ଆୟୁକ୍ତ-ଆର.ଡି.ସି. ଓ ଜିଲ୍ଲାପାଳଙ୍କ ସହ ବୈଠକ ହୋଇଛି ବୋଲି ଶ୍ରୀ ଦାଶ କହିଛନ୍ତି। **-V/O -**

ସୂଚନା ଅନୁଯାୟୀ, ଆସନ୍ତା ୨୧ ତାରିଖରେ ଓସ୍ୱାନ ପ୍ଲାଟଫର୍ମରେ ଆଭାସୀ ଜରିଆରେ ନିର୍ବାଚନ ସମ୍ପର୍କିତ ଏକ ବୈଠକ ହେବ। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି। ପତ୍ରରେ ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ନୋଡାଲ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଯୋଗଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବୁଥ୍ସ୍ତରୀୟ ନିର୍ବାଚନୀ ତାଲିକା ପ୍ରସ୍ତୁତି ପାଇଁ 'ଘରକୁ ଘର' ସର୍ଭେ କାର୍ଯ୍ୟ ଅଗ୍ରଗତିର

ସମୀକ୍ଷା କରାଯିବ। ଏଥିରେ ୨୦୨୨ ସହରାଞ୍ଚଳ ନିର୍ବାଚନ ସମ୍ବନ୍ଧୀୟ ବିଲ୍ ଏବଂ ବ୍ୟବହାର ପ୍ରମାଣପତ୍ର ସ୍ଥିତିର ସମୀକ୍ଷା କରାଯିବ।

## ଧର୍ମେନ୍ଦ୍ର ପ୍ରଧାନ

ଏକବିଂଶ ଶତାବ୍ଦୀରେ ଜାତୀୟ ଶିକ୍ଷାନୀତି - ୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ଆଧାରିତ ଓ ରୋଜଗାର ଭିତ୍ତିକ ଶିକ୍ଷାଦାନ କରିବାକୁ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନୁଗୋଳ ଜିଲ୍ଲା ପାଲଲହଡା କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍‌ର ଭୂମି ପୂଜନ ଓ ଅସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ ସମାରୋହରେ ଆଭାସୀ ଜରିଆରେ ସାମିଲ ହୋଇ ଶ୍ରୀ ପ୍ରଧାନ କହିଛନ୍ତି, କୌଣସି ଅଂଚଳର ପ୍ରଗତି ତା'ର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରେ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସ୍ଥାପିତ ହେବାକୁ ଥିବା ଏହି କେନ୍ଦ୍ରୀୟ ବିଦ୍ୟାଳୟ ପାଲଲହଡା ସମେତ ଆଖପାଖର ଅଂଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ତଥା ଆଧୁନିକ ଶିକ୍ଷା ପ୍ରଦାନରେ ବିଶେଷ ସହାୟକ ହେବ। ସମାଜର ଶେଷ ଧାଡିରେ ଥିବା ପିଲାଟି ପାଖରେ ଶିକ୍ଷା ସହଜରେ ପହଞ୍ଚିପାରିଲେ ଏହା ସାର୍ଥକତା ଲାଭ କରିଥାଏ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି।

## ପେନ୍‌ସନ ସମାଧାନ

ଭୁବନେଶ୍ୱରସ୍ଥିତ ରେଳସଦନଠାରେ ୧୯୮ତମ ରକ୍ଷା ପେନ୍‌ସନ ସମାଧାନ ଆୟୋଜନ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସେନା ଏବଂ ପ୍ରତିରକ୍ଷା ଆକାଉଣ୍ଟସ୍ ମହାନିୟନ୍ତ୍ରକଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ସଶସ୍ତ୍ରବାହିନୀର ଅବସରପ୍ରାପ୍ତ ସୈନିକ ଏବଂ ଭେଟେରାନ୍‌ମାନଙ୍କ

ପେନସନଜନିତ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଛି। ବିଶେଷକରି ବିଚାରାଧୀନ ମାମଲାଗୁଡ଼ିକର ସମାଧାନ, ସରଳ କାର୍ଯ୍ୟପନ୍ଥା ଓ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅନିନ୍ଦ୍ୟ ସେନଗୁପ୍ତ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀଜୀଉଙ୍କ ଚକାବିଜେ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଦଶମୀ ତିଥିରେ ଶ୍ରୀଜୀଉମାନଙ୍କ ଚକାବିଜେ ନୀତି ଅନୁଷ୍ଠିତ ହେଉଛି। ଅଣସର ଘରେ ଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଏବଂ ଓଷ ଲାଗି ପରେ ମହାପ୍ରଭୁ ଆଜି ଶୋଇବା ଅବସ୍ଥାରୁ ଉଠି ବସିବେ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା....

ଅନବସର ଦଶମୀରେ ଶ୍ରୀଜୀଉମାନେ ଆଜି ଚକା ଉପରେ ବିରାଜମାନ କରିବେ। ମଧ୍ୟାହ୍ନ ଧୂପ ଓ ଭୋଗ ମଣ୍ଡପ ନୀତି ପରେ ଜୟ-ବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟାଯାଇ ଅନବସର ନୀତି ଅନୁଷ୍ଠିତ ହେବ। ଏହି ନୀତି ଅନୁଯାୟୀ ଦଇତାପତିମାନେ ଶ୍ରୀଜୀଉମାନଙ୍କୁ ଚକା ଉପରେ ବିଜେ କରାଇବେ। ପରେ ଚକଟା ଓ ପଣା ଭୋଗ ଲାଗି କରାଯିବ। ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ମଧ୍ୟାହ୍ନ ଧୂପ ପରେ ରାଜବୈଦ୍ୟ ଶ୍ରୀମନ୍ଦିର ଗାରଦକୁ ଦଶମୂଳ ମୋଦକ ହସ୍ତାନ୍ତର କରିବେ।

ଏକାଦଶୀ ତିଥିରେ ମୋଦକ ସେବନ ପରେ ଶ୍ରୀଜୀଉମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବେ ବୋଲି ବିଶ୍ୱାସ ରହିଛି । ଏ ସମ୍ପର୍କରେ ଡକ୍ଟର **ଆଶୁତୋଷ ପ୍ରସାଦ ମିଶ୍ର** ପ୍ରତିକ୍ରିୟାରେ କହିଛନ୍ତି.....

**- V/O -**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଆଉ ମାତ୍ର ୬ ଦିନର ଅପେକ୍ଷା । ରଥଖଳାରେ ଭକ୍ତିର ଅପୂର୍ବ ଆବେଗ ସହ ରଥ ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆକର୍ଷଣୀୟ ଝୋଟି ଚିତା କାର୍ଯ୍ୟ ଜାରି ରହିଛି । ଯାହା ଆମ ସମୃଦ୍ଧ ପରମ୍ପରା ଓ ସଂସ୍କୃତିର ଏକ ଅପୂର୍ବ ନିଦର୍ଶନ ।

ନୀତି ପରମ୍ପରାର ଏହି ଅନନ୍ୟ ଅଧ୍ୟାୟ ଶ୍ରୀଜଗନ୍ନାଥ ସଂସ୍କୃତିର ଐତିହ୍ୟ ଓ ଆଧ୍ୟାତ୍ମିକ ମହିମାକୁ ଆହୁରି ଉଜ୍ଜ୍ୱଳ କରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କୋଟି କୋଟି ଭକ୍ତଙ୍କ ଆସ୍ଥା, ଭକ୍ତି ଓ ଓଡ଼ିଆ ଅସ୍ମିତାର ମହାପର୍ବ ଚଳିତ ବର୍ଷ ରଥଯାତ୍ରାକୁ ଅଧିକ ସୁରକ୍ଷିତ, ସୁଗମ ଓ ସୁବ୍ୟବସ୍ଥିତ କରିବା ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ରଥରେ ବସି ଅଗଣିତ ଶ୍ରଦ୍ଧାଳୁଙ୍କୁ ନବଯୌବନରେ ଦର୍ଶନ ଦେବେ ମହାପ୍ରଭୁ ।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

# ମତ୍ସ୍ୟଚାଷୀ ଦିବସ

ମତ୍ସ୍ୟଚାଷୀଙ୍କ ବିକାଶ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ କରାଯାଉଛି। ଦେଶରେ ମତ୍ସ୍ୟଚାଷ କ୍ଷେତ୍ରରେ ପ୍ରଫେସର ଡକ୍ଟର ହୀରାଲାଲ୍ ଚୌଧୁରୀ ଏବଂ ତାଙ୍କର ସହଯୋଗୀ ଡକ୍ଟର କେ.ଏଚ୍.ଆଲୁକୁନିହିଙ୍କ ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ମତ୍ସ୍ୟଚାଷୀ, ମତ୍ସଜୀବୀ, ଉଦ୍ୟୋଗୀ ଏବଂ ମତ୍ସ୍ୟଚାଷ ସହ ଜଡିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ମତ୍ସ୍ୟଚାଷ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଭିଜନ୍ ୨୦୩୬ର ଲକ୍ଷ୍ୟ ପୂରଣ ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମତ୍ସ୍ୟ ଉତ୍ପାଦନ, ରପ୍ତାନୀ ଓ ମତ୍ସ୍ୟଜୀବୀ ସମୁଦାୟର ସଶକ୍ତୀକରଣ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

# ଛେଲିଗଡ଼

ଗଜପତି ଜିଲ୍ଲା ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ୭୮ଟି ପରିବାରକୁ ପୁନର୍ବାସ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାର ୮ କୋଟି

୪୮ ଲକ୍ଷ ୬୩ ହଜାର ୯୩୨ ଟଙ୍କାର ସଂଶୋଧିତ ଆର୍ଥିକ ରାଶି ଅନୁମୋଦନ କରିଛନ୍ତି। ଏ ସମ୍ପର୍କିତ ଅନୁମୋଦନ ଆଦେଶ ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ହୋଇଛି। ବିସ୍ଥାପିତ ପରିବାରମାନଙ୍କର ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସହାୟତା ରାଶି ପ୍ରଦାନ କରାଯିବ। ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ।

## ଜନଗଣନା-ପ୍ରଶିକ୍ଷଣ

**ବରଗଡ଼** ଜିଲ୍ଲାରେ ଜନଗଣନା ନିମନ୍ତେ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କ ଚାରିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି। ଜନଗଣନା ୨୦୨୭ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାରେ ଚଳିତମାସ ୭ ତାରିଖରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା।

ଜନଗଣନା ୨୦୨୭ର ସଫଳ ରୂପାୟନ ପାଇଁ **କଟକ** ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ୫ ଦିନିଆ ପ୍ରଶିକ୍ଷଣ ଶିବିର ଆଜି ସମାପ୍ତ ହୋଇଛି।

## ଆଇନ୍ ସେବା ପ୍ରାଧିକରଣ

ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ଓ **ଭଦ୍ରକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାରରେ ଅନ୍ତେବାସୀଙ୍କ ଆଇନ୍ ସହାୟତା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ଅନ୍ତେବାସୀମାନେ କିପରି

ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଆଲୋଚନା କରିଥିଲେ।

## ବୈଠକ

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସମୟୋପଯୋଗୀ ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା ନେଇ **ବୌଦ୍ଧ** ଜିଲ୍ଲା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନୀରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ରଥଯାତ୍ରା-ଡ୍ରୋନ ଉଡାଣ

ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ପାଇଁ ପୁରୀ ଜିଲ୍ଲାପାଳ ସହରର ୫ କିଲୋମିଟର ପରିସର ମଧ୍ୟରେ ଥିବା ଅଞ୍ଚଳକୁ ଆସନ୍ତା ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ନିଷେଧ ଉଡାଣ କ୍ଷେତ୍ର ଭାବରେ ଘୋଷଣା କରିଛନ୍ତି । ଏହି ସମୟ ମଧ୍ୟରେ ଡ୍ରୋନର ଅନଧିକୃତ ପରିଚାଳନା ଉପରେ ନିଷେଧାଦେଶ ଜାରି କରାଯାଇଛି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ଆସନ୍ତା ଚାରିଦିନ

ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।